ଗୁର୍ଦୀପ ସିଂହ ଏବଂ ଅନ୍ୟ ଜଣେ

ବନାମ

ଅମର ସିଂହ ଏବଂ ଅନ୍ୟ ଜଣେ

ଫେବୃଆରୀ **14, 1991**

**[କେ. ଏନ୍. ସାଇକିଆ ଏବଂ ମଦନ ମୋହନ ପୁଞ୍ଛି, ନ୍ୟାୟମୂର୍ତ୍ତିଦ୍ୱୟ]**

*ହିନ୍ଦୁ ଉତ୍ତରାଧିକାର ଅଧିନିୟମ, 1956: ଧାରା 14 - ବିଧବାଙ୍କ ସମ୍ପତ୍ତିର ସମ୍ପ୍ରସାରଣ - ଭରଣପୋଷଣ ପ୍ରତିବଦଳରେ ଦାନ ଦିଆଯାଇଥିବା ସମ୍ପତ୍ତି - ସୀମିତ ସମ୍ପତ୍ତି ଏକ ସଂପୂର୍ଣ୍ଣ ଅଧିକାରଭୁକ୍ତ ସମ୍ପତ୍ତିରେ ସମ୍ପ୍ରସାରିତ ହୋଇଛି କି ନାହିଁ।*

ଆବେଦନକାରୀ ଏବଂ ଉତ୍ତରଦାତାମାନଙ୍କ ଜେଜେବାପାଙ୍କର ଦୁଇ ପତ୍ନୀ ଥିଲେ । ପ୍ରଥମ ପତ୍ନୀ ଏବଂ ତାଙ୍କର ଏକମାତ୍ର ପୁଅ, ତାଙ୍କ ଜୀବନକାଳ ମଧ୍ୟରେ ମୃତ୍ୟୁବରଣ କରିଥିଲେ । ପୂର୍ବ-ମୃତ ପୁଅଙ୍କର ଚାରି ପୁଅ ଏବଂ ଗୋଟିଏ ଝିଅ ଜୀବିତ ଅଛନ୍ତି । **1947** ମସିହାରେ, ଜେଜେବାପା ତାଙ୍କ ଦ୍ୱିତୀୟ ପତ୍ନୀଙ୍କ ସପକ୍ଷରେ ଭରଣପୋଷଣ ପ୍ରତିବଦଳରେ କିଛି ସମ୍ପତ୍ତିକୁ ତିନୋଟି ମୌଖିକ ଦାନ ରୂପେ ପ୍ରଦାନ କରିଥିଲେ । ପରବର୍ତ୍ତୀ କାଳରେ, ଜେଜେମା ଏହି ସମ୍ପତ୍ତିଗୁଡ଼ିକ ମଧ୍ୟରୁ କିଛି ସମ୍ପତ୍ତିକୁ ଦୁଇ ସାବତ ନାତିଙ୍କୁ ଦାନ ଦେଇଥିଲେ । ଏହି ଦାନକୁ ଅନ୍ୟ ଦୁଇ ନାତି ଆପତ୍ତି କରିଥିଲେ । ନିମ୍ନ ନ୍ୟାୟାଳୟଗୁଡ଼ିକ ନିର୍ଣ୍ଣୟ ନେଇଥିଲେ ଯେ ହିନ୍ଦୁ ଉତ୍ତରାଧିକାର ଅଧିନିୟମ, **1956** ପାରିତ ହେବା ପରେ ସମ୍ପତ୍ତିରେ ତାଙ୍କର ସମ୍ପୂର୍ଣ୍ଣ ଅଧିକାରଭୁକ୍ତ ସମ୍ପତ୍ତି ଥିଲା । ଦ୍ୱିତୀୟ ଆବେଦନରେ, ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଇଥିଲେ ଯେ ସେ କେବଳ ଏକ ସୀମିତ ସମ୍ପତ୍ତି ପ୍ରାପ୍ତ କରିଥିଲେ କାରଣ ତାଙ୍କ ସପକ୍ଷରେ ହୋଇଥିବା ଦାନ, ସିଧାସଳଖ ହିନ୍ଦୁ ଉତ୍ତରାଧିକାର ଅଧିନିୟମ, **1956** ର ଧାରା **14 (2)** ର ଅନ୍ତର୍ଗତ ହେବ ଏବଂ ଏହିପରି ତାଙ୍କ ସୀମିତ ସମ୍ପତ୍ତି ଏକ ସମ୍ପୂର୍ଣ୍ଣ ଅଧିକାରଭୁକ୍ତ ସମ୍ପତ୍ତିରେ ସମ୍ପ୍ରସାରିତ ହେବ ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ରାୟ ବିରୁଦ୍ଧରେ ଏହି ଆବେଦନ କରାଯାଇଛି ।

ଏହି ଆବେଦନକୁ ମଞ୍ଜୁରୀ ଦେଇ ଏହି ନ୍ୟାୟାଳୟ,

ନିର୍ଣ୍ଣୟ ନେଇଥିଲେ ଯେ: **1.** ଏଥିରେ କୌଣସି ସନ୍ଦେହ ନାହିଁ ଯେ ଦାନଗ୍ରାହୀଙ୍କର ଭରଣପୋଷଣ ପାଇବାର ଅଧିକାର ଥିଲା ଏବଂ ଏହି ଦାନ ସ୍ପଷ୍ଟ ଭାବରେ ଭରଣପୋଷଣର

**ପ୍ରତିବଦଳରେ ଦିଆଯାଇଥିଲା । ଏହି ଦାନ ଆଧାରରେ ସେ କୌଣସି ନୂତନ ସମ୍ପତ୍ତି ହାସଲ କରିବାର ମାମଲା ଏହା ନଥିଲା, ବରଂ ଏହା ଦାନ ମାଧ୍ୟମରେ ତାଙ୍କୁ ତାଙ୍କ ଭରଣପୋଷଣର ଅଧିକାର ଦିଆଯିବାର ମାମଲା ଥିଲା । ଏହା ଭରଣପୋଷଣ ପ୍ରତିବଦଳରେ ଦାନ ଦ୍ୱାରା ପ୍ରାପ୍ତ ଏକ ସମ୍ପତ୍ତି ଥିଲା । 26 ଏପ୍ରିଲ, 1947 ରେ କରାଯାଇଥିବା ଅଧିଗ୍ରହଣ, ହିନ୍ଦୁ ଉତ୍ତରାଧିକାର ଅଧିନିୟମର ପୂର୍ବରୁ ହୋଇଥିଲା, ଏବଂ ସେ ଭରଣପୋଷଣ ପାଇଁ ତାଙ୍କ ପୂର୍ବବର୍ତ୍ତୀ ଅଧିକାର ବଦଳରେ ଦାନ ମାଧ୍ୟମରେ ସମ୍ପତ୍ତି ଅଧିଗ୍ରହଣ କରିଥିବାରୁ ଏହା ହିନ୍ଦୁ ଉତ୍ତରାଧିକାର ଅଧିନିୟମ, 1956 ର ଧାରା 14 ର ଉପ-ଧାରା (2) ଅଧୀନରେ ନ ଆସି ଉପ-ଧାରା (1) ଅଧୀନରେ ଆସିବ ଏବଂ ସେ ସମ୍ପତ୍ତିରେ ସମ୍ପୂର୍ଣ୍ଣ ଅଧିକାରଭୁକ୍ତ ସମ୍ପତ୍ତି ଅର୍ଜନ କରିଥିଲେ । [387E- F]**

*ବାଇ ଭାଜିଆ (ମୃତ), ତାଙ୍କ ଆଇନଗତ ପ୍ରତିନିଧିଙ୍କ ଦ୍ୱାରା ବନାମ ଠାକୁରଭାଇ ଚେଲାଭାଇ ଏବଂ ଅନ୍ୟମାନେ,* **[1979] 3 SCR 291**; *ଗୁଲୱନ୍ତ କୌର ଏବଂ ଅନ୍ୟ ଜଣେ ବନାମ ମୋହିନ୍ଦର ସିଂହ ଏବଂ ଅନ୍ୟମାନେ,* **[1987] 3 SCC 674**; *ମହାରାଜା ପିଲ୍ଲାଇ ଲକ୍ଷ୍ମୀ ଅମ୍ମାଲ ବନାମ ମହାରାଜା ପିଲ୍ଲାଇ ଥିଲାନୟାକୋମ ପିଲ୍ଲାଇ ଏବଂ ଅନ୍ୟ ଜଣେ,* **[1988] 1 SCC 99**; *ଯଶୱନ୍ତ କୌର ବନାମ ମେଜର ହର୍ପାଲ ସିଂହ,* **[1989] 3 SCC 572**; **ମାମଲାଗୁଡ଼ିକ ଉପରେ ନିର୍ଭର କରାଯାଇଥିଲା ।**

ଶ୍ରୀମତୀ କର୍ମି ବନାମ ଅମ୍ରୁ ଏବଂ ଅନ୍ୟମାନେ, **[1972] 4 SCC 86**; *କୋଠି ସତ୍ୟନାରାୟଣ ବନାମ ଗଲ୍ଲା ସିଥାୟା ଏବଂ ଅନ୍ୟମାନେ,* **[1986] 4 SCC 760**; **ମାମଲାଦ୍ୱୟ ପ୍ରଭେଦନୀୟ ଅଟେ ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 2877/1977 ।

ଆର୍.ଏସ୍.ଏ. ସଂଖ୍ୟା 334/1975 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 19.8.1977 ର ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ଆର୍. ବାନା ।

ଉତ୍ତରଦାତାମାନଙ୍କ ତରଫରୁ ହରବଂସ ଲାଲ୍ ଏବଂ ଜି. କେ. ବଂଶଲ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

କେହର୍ ସିଂହଙ୍କର ବସନ୍ତ କୌର ଏବଂ ସାହିବ୍ ଦେବୀ ନାମକ ଦୁଇ ପତ୍ନୀ ଥିଲେ । କେହର୍ ସିଂଙ୍କ ଜୀବନକାଳରେ ସାହିବ୍ ଦେବୀଙ୍କ ମୃତ୍ୟୁ ହୋଇଥିଲା । ସାହିବ୍ ଦେବୀଙ୍କ ପୁଅ ଥିଲେ ନିରଞ୍ଜନ ସିଂହ, ଯିଏକି କେହର୍ ସିଂହଙ୍କ ଜୀବନକାଳରେ ମୃତ୍ୟୁବରଣ କରିଥିଲେ । ନିରଞ୍ଜନ ସିଂହଙ୍କର ଚାରି ପୁଅ ଏବଂ ଗୋଟିଏ ଝିଅ ଥିଲେ । 1947 ମସିହା ଏପ୍ରିଲ 26 ତାରିଖରେ କେହର୍ ସିଂହ ଭରଣପୋଷଣ ବଦଳରେ ତାଙ୍କ ପତ୍ନୀ ବସନ୍ତ କୌରଙ୍କ ସପକ୍ଷରେ ତିନୋଟି ଭିନ୍ନ ଭିନ୍ନ ଗ୍ରାମରେ ଅବସ୍ଥିତ ସମ୍ପତ୍ତିର ତିନୋଟି ମୌଖିକ ଦାନ ଦେଇଥିଲେ । ନିମ୍ନ ନ୍ୟାୟାଳୟଙ୍କ ସମ୍ମୁଖରେ ବିଚାର ପାଇଁ ଯେଉଁ ପ୍ରଶ୍ନ ଉଠିଥିଲା ତାହା ଥିଲା କି ହିନ୍ଦୁ ଉତ୍ତରାଧିକାର ଅଧିନିୟମ ପାରିତ ହେବା ଫଳରେ ବସନ୍ତ କୌରଙ୍କୁ ଦାନ କରାଯାଇଥିବା ସମ୍ପତ୍ତିରେ ତାଙ୍କୁ ସମ୍ପୂର୍ଣ୍ଣ ଅଧିକାରଭୁକ୍ତ ସମ୍ପତ୍ତି ମିଳିଥିଲା କି? ବଲ୍ଲୋୱାଲ୍ ଗ୍ରାମରେ ଥିବା ଜମି ସମ୍ବନ୍ଧରେ, ନିମ୍ନ ନ୍ୟାୟାଳୟଗୁଡ଼ିକ ନିର୍ଣ୍ଣୟ ନେଇଥିଲେ ଯେ ସେ ସେଥିରେ ଏକ ସମ୍ପୂର୍ଣ୍ଣ ଅଧିକାରଭୁକ୍ତ ସମ୍ପତ୍ତି ପାଇଥିଲେ । ଉଚ୍ଚ ନ୍ୟାୟାଳୟ ଦ୍ୱିତୀୟ ଆବେଦନରେ ଧାଇପାଇ ଏବଂ ଚୋମିଣ୍ଡା ଗ୍ରାମରେ ଥିବା ଜମି ସମ୍ବନ୍ଧରେ ବିଚାର କରିଥିଲେ, ଏବଂ ଏହା ନିର୍ଣ୍ଣୟ ନେଇଥିଲେ ଯେ କୌଣସି ମାଲିକାନା ସତ୍ୱର ପରିବର୍ତ୍ତନ ବିନା ଏହି ଦାନ ହୋଇଥିବାରୁ ଏହା ଧାରା 14 (2) ର ଅନ୍ତର୍ଗତ ହେବ ।

ପ୍ରଦର୍ଶନୀ D-1 ମାଲିକାନା ପରିବର୍ତ୍ତନ ପ୍ରକ୍ରିୟା ସମ୍ବନ୍ଧରେ ଅମୀନଙ୍କ ବିବରଣୀ ଥିଲା ଏବଂ ଏହା ଏହିପରି ଥିଲା:

"ଆଜି ଖେୱାଟର ମାଲିକ କେହର୍ ସିଂହ, ନାରାୟଣ ସିଂହ ଲମ୍ବାରଦାରଙ୍କ ସହ ଆସିଲେ ଏବଂ କହିଲେ ଯେ 1947 ମସିହା ଏପ୍ରିଲ 14 ତାରିଖରେ ସେ 8 ବିଘା ପୁଖତା, 3 ବିଶ୍ୱାସ ଏବଂ 3 ବିଶ୍ୱାନୀ ମାପର ମୋଟ ଜମିର ଅଧା, ଅର୍ଥାତ୍ 4 ବିଘା ପୁଖତା, 12 ବିଶ୍ୱାସ ଏବଂ 1 ବିଶ୍ୱାନୀ ଜମି ତାଙ୍କ ପତ୍ନୀ ଶ୍ରୀମତୀ ବସନ୍ତ କୌରଙ୍କ ସପକ୍ଷରେ ମୌଖିକ ଭାବେ ଏକ ଦାନ କରିଥିଲେ, ଏବଂ ତାହାର ଦଖଲ ଅଧିକାର ପ୍ରଦାନ କରିଥିଲେ । ମୋର କେବଳ ଗୋଟିଏ ପୁଅ ଥିଲା ଯିଏକି ମରିଯାଇଛି ଏବଂ ତା'ର ଚାରି ପୁଅ ଥିଲେ ଏବଂ ଅନ୍ୟ କୌଣସି ପୁରୁଷ ସନ୍ତାନ ନଥିଲେ । ଜୀବନର କୌଣସି ନିଶ୍ଚିତତା ନାହିଁ । ସେ ମୋର ସେବା କରୁଥିଲେ । ଲମ୍ବାରଦାର ପ୍ରମାଣିତ କରିଛନ୍ତି ଯେ ଏହି ମାଲିକାନା ପରିବର୍ତ୍ତନ ହୋଇଛି" ।

1947 ମସିହା ଜୁଲାଇ 30 ତାରିଖରେ ସହକାରୀ ଜିଲ୍ଲାପାଳ ନିମ୍ନଲିଖିତ ଆଦେଶ ଦେଇଥିଲେ:

"ଏହି ସମାବେଶରେ, କିଶନ ସିଂହ ଲମ୍ବାରଦାରଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ଦାତା କେହର୍ ସିଂହ ଏବଂ ଦାନଗ୍ରାହୀ ବସନ୍ତ କୌର ଉପସ୍ଥିତ ଅଛନ୍ତି । ଏହି ମାମଲାର ଦଖଲ ପରିବର୍ତ୍ତନକୁ ଗ୍ରହଣ କରାଯାଇଛି ଏବଂ ଦାତା ଏବଂ ଦାନଗ୍ରାହୀଙ୍କ ଦ୍ୱାରା ଏହାର ସତ୍ୟାସତ୍ୟତା ନିର୍ଣ୍ଣୟ କରାଯାଇଛି । ଦାତା କହିଥିଲେ ଯେ ତାଙ୍କର କୌଣସି ପୁଅ ନାହିଁ । ମୋର ଦୁଇ ପତ୍ନୀ ଥିଲେ । ଏହା ସମ୍ଭବ ଯେ ମୋ ନାତିମାନେ ମୋ ପତ୍ନୀଙ୍କୁ ଭରଣପୋଷଣର ଦାନ ଦେଇ ନ ପାରନ୍ତି । ଏହି ଦୃଷ୍ଟିକୋଣରୁ ମୁଁ ଏହି ଦାନ ଦେଉଛି । ଦାନ ହେଉଛି ଭରଣପୋଷଣ ପାଇଁ । ଦାନ ଦେବା ପରେ, ବନ୍ଧକ ରଖିବାର କିମ୍ବା ବିକ୍ରୟ କରିବାର କୌଣସି କ୍ଷମତା ରହିବ ନାହିଁ । ବସନ୍ତ କୌରଙ୍କ ମୃତ୍ୟୁ ପରେ, ତାଙ୍କ ସନ୍ତାନ, ମକ୍କକିଆତ୍ ସିଂହ, ଅମର ସିଂହ, ଗୁର୍ଦୀପ ସିଂହ ଏବଂ ମୋହନ ସିଂହ ଉତ୍ତରାଧିକାରୀ ହେବେ । ଏହି ଦାନଟି ଅଧା ଭାଗ କିମ୍ବା ଖାସ୍ରା ସଂଖ୍ୟା 4658/2468, ଯାହାର ମାପ 4 ବିଘା, 12 ବିଶ୍ୱାସ 1 ବିଶ୍ୱାନୀ, ଖେୱାତ ସଂଖ୍ୟା 324 ରୁ 326, ଯାହା ଶ୍ରୀମତୀ ବସନ୍ତ କୌରଙ୍କ ସପକ୍ଷରେ ପ୍ରମାଣିତ ହୋଇଛି" ।

ସହକାରୀ ଜିଲ୍ଲାପାଳଙ୍କ ବିବରଣୀର ବ୍ୟାଖ୍ୟା କରି ଉଚ୍ଚ ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିଥିଲେ ଯେ ବସନ୍ତ କୌର କେବଳ ଏକ ସୀମିତ ସମ୍ପତ୍ତି ପ୍ରାପ୍ତ କରିଥିଲେ କାରଣ ଉଚ୍ଚ ନ୍ୟାୟାଳୟଙ୍କ ଅନୁଯାୟୀ, ଏପରି ଏକ ଦାନ ସିଧାସଳଖ ହିନ୍ଦୁ ଉତ୍ତରାଧିକାର ଅଧିନିୟମର ଧାରା 14 (2) ଅଧୀନରେ ଆସିବ ଏବଂ ଏହିପରି ବସନ୍ତ କୌରଙ୍କ ସୀମିତ ସମ୍ପତ୍ତି ଏକ ସମ୍ପୂର୍ଣ୍ଣ ଅଧିକାରଭୁକ୍ତ ସମ୍ପତ୍ତିରେ ସମ୍ପ୍ରସାରିତ ହେବ ନାହିଁ । ଅନ୍ୟ ଦୁଇ ସାବତ ନାତିଙ୍କୁ ଅଣଦେଖା କରି ବସନ୍ତ କୌରଙ୍କ ଦ୍ୱାରା ଦୁଇ ସାବତ ନାତିଙ୍କ ସପକ୍ଷରେ କରାଯାଇଥିବା ଦାନକୁ ଆପତ୍ତି କରାଯାଇଥିଲା ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ବସନ୍ତ କୌରଙ୍କର ଭରଣପୋଷଣ ପାଇବାର ଅଧିକାର ଥିଲା ଏବଂ ଏହି ଦାନ ସ୍ୱଷ୍ଟ ଭାବରେ ଭରଣପୋଷଣ ପ୍ରତିବଦଳରେ ଦିଆଯାଇଥିଲା । ତେଣୁ ଆମ୍ଭ ମତରେ, ଏହି ଦାନ ଆଧାରରେ ସେ କୌଣସି ନୂତନ ସମ୍ପତ୍ତି ହାସଲ କରିବାର ମାମଲା ଏହା ନଥିଲା, ବରଂ ଏହା ଦାନ ମାଧ୍ୟମରେ ତାଙ୍କୁ ତାଙ୍କ ଭରଣପୋଷଣର ଅଧିକାର ଦିଆଯିବାର ମାମଲା ଥିଲା । ଏହା ଭରଣପୋଷଣ ପ୍ରତିବଦଳରେ ଦାନ ଦ୍ୱାରା ପ୍ରାପ୍ତ ଏକ ସମ୍ପତ୍ତି ଥିଲା । 26 ଏପ୍ରିଲ, 1947 ରେ କରାଯାଇଥିବା ଅଧିଗ୍ରହଣ, ହିନ୍ଦୁ ଉତ୍ତରାଧିକାର ଅଧିନିୟମର ପୂର୍ବରୁ ହୋଇଥିଲା, ଏବଂ ଆମ୍ଭ ମତରେ, ସେ ଭରଣପୋଷଣ ପାଇଁ ତାଙ୍କ ପୂର୍ବବର୍ତ୍ତୀ ଅଧିକାର ବଦଳରେ

ଦାନ ମାଧ୍ୟମରେ ସମ୍ପତ୍ତି ଅଧିଗ୍ରହଣ କରିଥିବାରୁ ଏହା ହିନ୍ଦୁ ଉତ୍ତରାଧିକାର ଅଧିନିୟମ, 1956 ର ଧାରା 14 ର ଉପ-ଧାରା (2) ଅଧୀନରେ ନ ଆସି ଉପ-ଧାରା (1) ଅଧୀନରେ ଆସିବ । ଏହି ଦୃଷ୍ଟିକୋଣରୁ, ଆମ୍ଭେ *ବାଇ ଭାଜିଆ (ମୃତ), ତାଙ୍କ ଆଇନଗତ ପ୍ରତିନିଧିଙ୍କ ଦ୍ୱାରା ବନାମ ଠାକୁରଭାଇ ଚେଲାଭାଇ ଏବଂ ଅନ୍ୟମାନେ,* [1979] 3 SCR 291; ଗୁଲୱନ୍ତ କୌର ଏବଂ ଅନ୍ୟ ଜଣେ ବନାମ ମୋହିନ୍ଦର ସିଂହ ଏବଂ ଅନ୍ୟମାନେ, [1987] 3 SCC 674; *ମହାରାଜା ପିଲ୍ଲାଇ ଲକ୍ଷ୍ମୀ ଅମ୍ମାଲ ବନାମ ମହାରାଜା ପିଲ୍ଲାଇ ଥିଲାନୟାକୋମ ପିଲ୍ଲାଇ ଏବଂ ଅନ୍ୟ ଜଣେ,* [1988] 1 SCC 99 ଏବଂ *ଯଶୱନ୍ତ କୌର ବନାମ ମେଜର ହର୍ପାଲ ସିଂହ,* [1989] 3 SCC 572; ମାମଲାଗୁଡ଼ିକରେ ନିଆଯାଇଥିବା ନିର୍ଣ୍ଣୟ ସହିତ ସହମତ ଅଛୁ । ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମ୍ଭ ମତରେ, *ଶ୍ରୀମତୀ କର୍ମି ବନାମ ଅମ୍ରୁ ଏବଂ ଅନ୍ୟମାନେ,* [1972] 4 SCC 86 ଏବଂ *କୋଠି ସତ୍ୟନାରାୟଣ ବନାମ ଗଲ୍ଲା ସିଥାୟା ଏବଂ ଅନ୍ୟମାନେ,* [1986] 4 SCC 760 ମାମଲାଦ୍ୱୟ ତଥ୍ୟ ଆଧାରରେ ପ୍ରଭେଦନୀୟ ଅଟେ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**